# ଓପିଜିସି ପକ୍ଷରୁ ୪୨.୫୦ କୋଟି ଟଙ୍କାର ଲାଭାଂଶ ପ୍ରଦାନ



ଭୁବନେଶ୍ୱର, ୧୩।୧୨ (ନି.ପ୍ର.): ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ପକ୍ଷରୁ ଆଜି ରାଜ୍ୟ ସରକାରଙ୍କୁ ନିଗମର ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ବାବଦରେ ୪୨ କୋଟି ୫୦ ଲକ୍ଷ ୧୮ ହଜାର ୫୩୦ ଟଙ୍କା ପ୍ରଦାନ କରାଯାଇଛି। ଶକ୍ତି ମନ୍ତ୍ରୀ ଅରୁଣକୁମାର ସାହୁ, ଶକ୍ତି ସଚିବ ପ୍ରଦୀପ କୁମାର ଜେନା ଓ ନିଗମର ନିର୍ଦ୍ଦେଶକ ଭେଙ୍କଟାଚଲମ କୃପୁସାମୀ, ଅର୍ଥ ନିର୍ଦ୍ଦେଶକ ହରପ୍ରସାଦ ନାଏକ ପ୍ରମୁଖ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ୨୦୧୨-୧୩ ଆର୍ଥିକ ବର୍ଷ ପାଇଁ ଓପିଜିସିର ଅନ୍ତରୀଣ ଲାଭାଂଶ ୧୬ ପ୍ରତିଶତ ହୋଇଛି। ତଦନୁସାରେ ମୋଟ ଲାଭାଂଶ ୮୩.୩୩ କୋଟି ଟଙ୍କା ମଧ୍ୟରୁ ରାଜ୍ୟ ସରକାରଙ୍କୁ ଉପରୋକ୍ତ ପରିମାଣର ଅର୍ଥ ପ୍ରଦାନ କରାଯାଇଛି।